ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

କୋଭିଡ୍-୧୯ ପି.ଆର୍. ନଂ-୨୬
ଅପରାହ୍ଣ-୪.୩୦ ଘଟିକା

# ପ୍ରେସ୍ ବିବୃତି

ଭୁବନେଶ୍ୱର : ୦୭ ଅପ୍ରେଲ,୨୦୨୦

କରୋନା ଭୂତାଣୁ ରୋଗ (କୋଭିଡ୍-୧୯)ର ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଓଡ଼ିଶା ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଉପରେ ରାଜ୍ୟ ସରକାରଙ୍କ ମୁଖ୍ୟ ମୁଖପାତ୍ର ଶ୍ରୀ ସୁବ୍ରତ ବାଗ୍‌ଚୀ, ସୂଚନା ଓ ଲୋକସଂପର୍କ କମିଶନର ତଥା ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ ଏବଂ ପୂର୍ତ୍ତ ବିଭାଗ ଶାସନ ସଚିବ ଡ. କ୍ରିଷନ୍ କୁମାର ଆଜି ଅପରାହ୍ଣରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

- ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟର ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ, ନର୍ସ, ଆଶାକର୍ମୀ ଏବଂ ପ୍ରସୂତି ସହାୟିକାମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

- ରାଜ୍ୟ ସରକାର କୋଭିଡ୍-୧୯ର ଦୃଢ଼ ମୁକାବିଲା କରିବା ନିମନ୍ତେ ଅନେକ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ମହାମାରୀର ମୁକାବିଲା ଦିଗରେ ଡାକ୍ତରମାନଙ୍କର ଭୂମିକା ସର୍ବଗରିଷ୍ଠ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସରକାର ସମ୍ଭାବ୍ୟ କୋଭିଡ୍ ରୋଗୀ ଯେଉଁମାନଙ୍କଠାରେ ଜ୍ୱର, କାଶ, ଥଣ୍ଡା, ଶ୍ୱାସଜନିତ ଲକ୍ଷଣ ପ୍ରକାଶ ପାଉଛି ସେମାନଙ୍କୁ ସ୍ୱାସ୍ଥ୍ୟ ପରାମର୍ଶ ଓ ସହାୟତା ଯୋଗାଇଦେବା ନିମନ୍ତେ ଏକ ଉତ୍ସର୍ଗୀକୃତ ନିଃଶୁଳ୍କ ଟେଲିମେଡିସିନ୍ ସହାୟତା ନଂ-୧୪୪୧୦ ଆରମ୍ଭ କରିବାକୁ ଯାଉଛନ୍ତି । ଏଭଳି ଏକ ଅସାଧାରଣ ସମୟରେ ରୋଗୀମାନଙ୍କୁ ସ୍ୱତଃପ୍ରବୃତ୍ତ ଭାବରେ ଏହି ଟେଲି ମେଡିସିନ୍ ସହାୟତା ସେବା ଯୋଗାଇଦେବାକୁ ଆଗେଇ ଆସିବା ପାଇଁ ରାଜ୍ୟ ତଥା ଦେଶର ଡାକ୍ତରମାନଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି । ଏଥି ପାଇଁ ଉଦ୍ଦିଷ୍ଟ ୱେବ୍‌ସାଇଟ୍ www.bit.ly_IndiaTeleMed ରେ ପଞ୍ଜୀକରଣ କରିବାକୁ ହେବ । ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ଏହି ଡାକ୍ତରମାନଙ୍କ ତ୍ୟାଗ ପାଇଁ ସେମାନଙ୍କ ନିକଟରେ କୃତଜ୍ଞ ରହିବ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଏ ପର୍ଯ୍ୟନ୍ତ ୩୦୦ରୁ ଊର୍ଦ୍ଧ୍ୱ ଡାକ୍ତର ଏହି ୱେବ୍‌ସାଇଟ୍ ଜରିଆରେ ପଞ୍ଜୀକରଣ କରିଛନ୍ତି ।

- ରାଜ୍ୟରେ ୫୬୯୭ ଶଯ୍ୟା ବିଶିଷ୍ଟ ୩୪ଟି ସ୍ୱତନ୍ତ୍ର କୋଭିଡ୍-୧୯ ହସ୍‌ପିଟାଲ୍/ଆଇସୋଲେସନ୍ ସେଣ୍ଟର (ପୃଥକବାସ କେନ୍ଦ୍ର) ନିର୍ମାଣର ପରିକଳ୍ପନା କରାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୭ଟି ସ୍ୱତନ୍ତ୍ର କୋଭିଡ୍ ହସ୍‌ପିଟାଲ୍ କାର୍ଯ୍ୟକ୍ଷମ ହୋଇସାରିଛି ।

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**

- রাজ্য সরকারঙ্ক নির্দ্দেশ মুতাবক ঘরু বাহারিবা সময়রে প্রত্যেক ব্যক্তি মুহঁ এবং নাক আবৃত্ত করুথিবা মাস্ক পিন্ধিবা বাধ্যতামূলক অটে । মাস্ক পরিবর্ত্তে দুই পরস্ত রুমাল্, গামুছা এবং ওঢ়ণীকু মধ্য মাস্ক ভাবরে ব্যবহার করাযাইপারিব । সরকারঙ্ক এহি আদেশনামা আসন্তা ৯ অপ্রেল ২০২০ সকাল ৭টারু লাগুহেব । স্বাস্থ্য ও পরিবার কল্যাণ বিভাগর ৱেব্‌সাইট্ health.odisha.gov.inরে এ সংপর্কিত মার্গদর্শিকা উপলব্ধ অছি ।

- কোভিড্-১৯ সংক্রমণ প্রবণ ও প্রতিরোধ জোন্‌গুড়িকর উপযুক্ত পরিচালনা ও তত্ত্বাবধান পাইঁ ভুবনেশ্বর মহানগর নিগমকু সশক্ত করিবা নিমন্তে ৬ জণ বরিষ্ঠ অধিকারীঙ্কু নিগমরে নিযুক্তি দিআযাইছি । ভুবনেশ্বর মহানগর নিগম অধীনস্থ কোভিড্-১৯ সংক্রমণ প্রবণ অঞ্চল ও প্রতিরোধ জোন্‌গুড়িকরে নাগরিক সুরক্ষা, অত্যাবশ্যক সামগ্রী যোগাণ এবং পর্য্যাপ্ত বিশোধন কার্য্যর পরিচালনা নিমন্তে সেমানঙ্কু দায়িত্ব দিআযাইছি ।

- ওড়িশার বিভিন্ন স্থানরে অটকি রহিথিবা বাহার রাজ্যর প্রায় ৫৬,৯২৬ অতিথি শ্রমজীবীঙ্কু ৯৮৮২টি শিবির জরিআরে খাইবা ও রহিবা সুবিধা যোগাই দিআযাইছি । এহি সবু অতিথি শ্রমিকমানে দেশর অন্যান্য রাজ্যরু আসি ওড়িশার বিভিন্ন স্থানরে রহিছন্তি । অভিযোগ গ্রহণ পাইঁ শ্রমিক সহায়তা কল্ সেণ্টর টোল্ ফ্রি নং-১৮০০৩৪৫৬৭০৩ জারি করাযাইছি ।

- আজি রাজ্যর ৫২৬৮ গ্রাম পঞ্চায়তরে ৩,২৫,৬৮৩ জণ নিরাশ্রয় ও অসহায় লোকঙ্কু রন্ধাখাদ্য যোগাই দিআযাইছি । সেহিপরি ১০৮টি পৌরাঞ্চলরে ২৭,০৫৮ জণঙ্কু রন্ধাখাদ্য দিআযাইছি ।

- রাজ্যরে কোভিড্-১৯ নিয়ম এবং মার্গদর্শিকা উল্লংঘন করিথিবা অভিযোগরে অপ্রেল ৬রু অপ্রেল ৭ তারিখ সকাল পর্য্যন্ত ২৪ ঘণ্টা মধ্যরে ২৪৫টি মামলা দায়র করাযাইছি । সেথিরু ২২৮টি মামলা লক্ ডাউন্ সংপর্কিত হোইথিবাবেলে ৩টি হোম্ ক্ୱারাণ্টাইন্ উল্লংঘন পাইঁ, ৫টি গুজব সৃষ্টি পাইঁ ও ৯টি কোভিড্-১৯ সংপৃক্ত নিয়মাবলী উল্লংঘন পাইঁ অন্তর্ভুক্ত । বিভিন্ন অভিযোগরে ৩৬৬ জণ ব্যক্তিঙ্কু গিরফ করাযাইছি ।

**'ঘরে রুহন্তু, সুরক্ষিত রুহন্তু'**

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଆଜି ମଧ୍ୟାହ୍ନ ୧୨ଟା ସୁଦ୍ଧା ଓଡ଼ିଶାରେ ୨୨୧୨ଟି ନମୁନା କୋଭିଡ୍-୧୯ ପରୀକ୍ଷା ପାଇଁ ପଠାଯାଇଛି । ବର୍ତ୍ତମାନ ସୁଦ୍ଧା ସମୁଦାୟ ୪୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ତନ୍ମଧ୍ୟରୁ ଦୁଇଜଣ ବ୍ୟକ୍ତି ସଂପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି ।
- ଜଣେ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- କୋଭିଡ୍-୧୯ ପଜିଟିଭ୍‌ଙ୍କ ମଧ୍ୟରେ ଭୁବନେଶ୍ୱରରୁ ୩୪ ଜଣ, ଭଦ୍ରକରୁ ୩ ଜଣ ଓ କଟକ, ପୁରୀ, କଳାହାଣ୍ଡି, କେନ୍ଦ୍ରାପଡ଼ା ଏବଂ ଯାଜପୁରରୁ ଜଣେ ଲେଖାଏଁ ଅନ୍ତର୍ଭୁକ୍ତ ।
- ଆଜି ୮୬ ଜଣ କରୋନା ସନ୍ଦିଗ୍ଧ ବିଭିନ୍ନ ଚିକିତ୍ସାଳୟରେ ପୃଥକ୍‌ବାସରେ ଅଛନ୍ତି ।
- ତବଲିଗି ଜମାତ୍‌ରୁ ଓଡ଼ିଶା ଫେରିଥିବା ୨୮ ଜଣ ସ୍ୱଇଚ୍ଛାରେ ନିଜର ତଥ୍ୟ ପ୍ରକାଶ କରିବା ପାଇଁ ଆଗେଇ ଆସିଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିବେଦନ କ୍ରମେ ବର୍ତ୍ତମାନ ଆଉ ୪୨ ଜଣ ତଥ୍ୟ ପ୍ରକାଶ ପାଇଁ ଆଗେଇ ଆସିଛନ୍ତି । ଏ ସଂକ୍ରାନ୍ତରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

ସୁଚେତା ପ୍ରିୟଦର୍ଶିନୀ
ସୂଚନା ଅଧିକାରୀ

**‘ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ’**